# Akashvani, Sambalpur

# SAMBALPURI NEWS MORNING BULLETIN

## 19 May 2026 - 6.47- 6.52 am.

---

ପୂର୍ବାଂଚଲ୍ କୃଷି ସମ୍ମିଳନୀ      ପି.ଆଇ.ବି.

କେନ୍ଦ୍ର ସର୍କାର୍‌ଙ୍କର୍ କୃଷି ଆଉ କୃଷକ୍ କଲ୍ୟାଣ୍ ମନ୍ତ୍ରଣାଳୟ ତର୍ଫୁ ଆଏଜ୍ ଭୁବ୍‌ନେଶ୍ୱର୍ ଠାନେ ପୂର୍ବାଂଚଲ୍ କୃଷି ସମ୍ମିଳନୀ ଆୟୋଜନ୍ କରାଯିବା । କେନ୍ଦ୍ର କୃଷି ଆଉ କୃଷକ୍ କଲ୍ୟାଣ୍ ଆଉ ଗ୍ରାମୀଣ୍ ବିକାଶ୍ ମନ୍ତ୍ରୀ ଶିବ୍‌ରାଜ୍ ସିଂ ଚୌହାନ୍ ଆଉ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ । ଚାଷ୍ କ୍ଷେତ୍ରର୍ ସାମଗ୍ରିକ୍ ବିକାଶ୍‌କେ ତହଁକାବାର୍, ଚାଷୀମାନ୍‌କର୍ କମାନି ବଢ଼ାବାର୍ ଆଉ କେନ୍ଦ୍ର ଆଉ ରାଜ୍ୟ ସର୍କାର୍‌ଙ୍କର୍ ଭିତ୍‌ରେ ତାଲ୍‌ମେଲ୍‌କେ ବର୍‌କସ୍ କର୍‌ବାର୍‌ଟା ଇ ସମ୍ମିଳନୀର୍ ମୁଲ୍ ଉଦ୍ଦେଶ୍ୟ ରହିଛେ । ଇଥି କୃଷି ଆଉ କୃଷକ୍ କଲ୍ୟାଣ୍ ମନ୍ତ୍ରଣାଳୟର୍ ଭିନ୍ ଭିନ୍ ଯୋଜ୍‌ନାର୍ ଅଗ୍ରଗତି ବାବ୍‌ଦେ ସମୀକ୍ଷା କରାଯିବାର୍ ସହେତେ ଚାଷ୍ ସାଙ୍ଗେ ଜଡ଼ିତ୍ ବହୁତ୍‌ଟେ ବିଷେ ଉପ୍‌ରେ

ଆଲୋଚନା କରାଯିବା । ସମ୍ମିଲନୀଥି ରାଜ୍ୟ କୃଷି ମନ୍ତ୍ରୀ, ବରିଷ୍ଠ ଅଧିକାରୀ, ବୈଜ୍ଞାନିକ୍, କୃଷକ୍ ପ୍ରତିନିଧି, ବିଶେଷଜ୍ଞ ଆଉ ଅଲ୍‌ଗା ଅଂଶୀଦାର୍ ମାନେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ଆମ ଗାଁରେ ଆମ ତହସିଲ୍ ଆଇ ଆଣ୍ଡ୍ ପି.ଆର୍

ରାଜସ୍ୱ ସେବାକେ ତୃଣମୂଳସ୍ତର୍ ନ ପହଁଚାବାର୍ ଲାଗି ରାଜସ୍ୱ ବିଭାଗ୍ ତର୍‌ଫୁ ଖୋବ୍ ଜଲ୍‌ଦି 'ଆମ ଗାଁରେ ଆମ ତହସିଲ୍' କାର୍ଯ୍ୟକ୍ରମ୍ ମୁଲ୍ କରାଯିବା । ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଉଚ୍ଚସ୍ତରୀୟ ବୈଠକ୍‌ଥି ଇ ନିଷ୍ପତି ନିଆଯାଇଛେ । ଇ ଯୋଜ୍‌ନାଥି ଗାଁ ଆଉ ପଂଚାୟତ୍‌ସ୍ତର୍ ନ ତହସିଲ୍ କେମ୍ପ୍ କୋର୍ଟ କରାଯିବା । ଆଘୋନୁ ଲୁକେ ଭିନ୍ ଭିନ୍ କାମ୍ ଲାଗି ତହସିଲ୍ କାର୍ଯ୍ୟାଳୟ ଯାଉଥିବାର୍ ବେଲେ ଏତ୍‌କର ତହସିଲ୍ ଅଧିକାରୀମାନେ ଗାଁକେ ଯାଇକରି ପ୍ରଜା ଖାନା ସଂଶୋଧନ୍, ଡିମାର୍କେସନ୍, ଅଭିଯୋଗ୍ ଶୁଣାଣି, ଆଉ ଅଲ୍‌ଗା ରାଜସ୍ୱ ସେବା ତୁର୍‌ତି ଯୁଗେଇ ଦେବେ । ଫି' ଲୁକ୍‌କର୍

ପାଖେ ରାଜସ୍ୱ ସେବାକେ ପୁହୁଁଚାବାର୍ ଲାଗି ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ୍ ଦେଇଛନ୍ । ଇତାର୍‌ସହେତେ ସହରାଂଚଲ୍ ଚାଷ୍ ଜମି କିସମ୍ ପରିବର୍ତନ୍ ନିୟମ୍‌କେ ଭିଲ୍ ସରଳୀକରଣ୍ କରାଯିବାକେ ମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ ।

ଯୁକ୍ତ ଦୁଇ ପରୀକ୍ଷାଫଲ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ଉଚ୍ଚ ମାଧ୍ୟମିକ୍ ଶିକ୍ଷା ପରିଷଦ୍ - ସିଏଚ୍‌ଏସ୍‌ଇ ପରିଚାଳିତ୍ ଯୁକ୍ତ ଦୁଇ ପରୀକ୍ଷାଫଲ୍ ଆଏବାକାଏଲ୍ ଉପର୍‌ବେଲା ବାହାର୍‌ବା ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ । କଳା, ବିଜ୍ଞାନ୍, ବାଣିଜ୍ୟ ଆଉ ଧନ୍ଦାମୂଲକ୍ ପରୀକ୍ଷାଫଲ୍ ଗୁଟେ ଦିନ ବାହାର୍‌ବା । ପରୀକ୍ଷାର୍ଥୀମାନେ ସିଏଚ୍‌ଏସ୍‌ଇ ୱେବ୍‌ସାଇଟ୍ orissaresults.nic.in ଥି ପରୀକ୍ଷାଫଲ୍ ଦେଖିପାର୍‌ବେ । ଇ ବଛର୍ ପାଖାପାଖି ୪ ଲାଖ୍ ଛାତ୍ରଛାତ୍ରୀ ଯୁକ୍ତ ଦୁଇ କଳା, ବିଜ୍ଞାନ୍, ବାଣିଜ୍ୟ ଆଉ ଧନ୍ଦାମୂଲକ୍ ବିଷେଥି ପରୀକ୍ଷା ଦେଇଥିଲେ ।

ମେଟ୍ରିକ୍ ସପ୍ଲିମେଂଟାରୀ ହି.ସ.

ଓଡ଼ିଶା ମାଧମିକ୍ ଶିକ୍ଷା ବୋର୍ଡ଼ ତର୍ଫୁ ପରିଚାଲିତ୍ ମେଟ୍ରିକ୍ ସପ୍ଲିମେଂଟାରୀ ପରୀକ୍ଷା ଲାଗି ଫର୍ମ ଭର୍ବାର୍ ସମିଆକେ ବଢ଼ାୟାଇଛେ । ଇ ବାବ୍ଦେ ମାଧମିକ୍ ଶିକ୍ଷା ପରିଷଦ୍ ତର୍ଫୁ ସୂଚ୍ନା ଦିଆୟାଇଛେ । ମେଟ୍ରିକ୍ ସପ୍ଲିମେଂଟାରୀ ଫର୍ମ ଫିଲଅପ୍ର ସମିଆ ଗଲାକାଏଲ୍ ଶେଷ୍ ହେଉଥିଲା । ହେଲେ ଇ ସମିଆକେ ଆଏବା ୨୫ ତାରିଖ୍ତକ୍ ବଢ଼ାୟାଇଛେ । ଜୁଲାଇ ମାସ ପହେଲା ହପ୍ତାଥି ପରୀକ୍ଷା ହେବା ବଲି ଜନାପଡ଼ିଛେ ।

ଭିତର ରତ୍ନଭଣ୍ଡାର୍ ଗନ୍ତି ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍ଠାନୁ ଫେର୍ଥରେ ଭିତର ରତ୍ନଭଣ୍ଡାର୍ ଗନ୍ତି କାମ ମୁଲ୍ ହେବା । ମଧ୍ୟାହ୍ନ ଧୂପ ନୀତି ସର୍ବାର୍ ଉତ୍ରୁ ଗନ୍ତି ମୁଲ୍ ହେଇକରି ସନ୍ଧ୍ୟାଧୂପ ତକ୍ ଚାଲ୍ବା । ଇଥିର୍ଲାଗି ଆଏଜ୍ ମାହାପୁରୁମାନ୍କର୍ ଭିତର କାଠ ଦର୍ଶନ୍ ବନ୍ଦ୍ ରହେବା । ଭକ୍ତମାନେ ଖାଲି ବାହାରକାଠ ପାଶୁ ଦର୍ଶନ୍ କରିପାର୍ବେ । ଇ ମାସେ ଭିତର୍ ରତ୍ନଭଣ୍ଡାର୍ ଗନ୍ତି ଲାଗି ୯ ଦିନ୍ ସମିଆ ଧାରିଜ୍

ହେଇଛେ । ଗଲା ୧୧ ଆଉ ୧୨ ତାରିଖ୍ ୨ ଦିନ୍ ଗନ୍ତି ଶେଷ୍ ହେଇଥିବାର୍ ବେଲେ ଆଏଜ୍‌କେ ମିଶେଇକରି ଇ ମାସ ୨୧, ୨୩, ୨୬, ୨୮, ୨୯ ଆଉ ୩୦ ତାରିଖ୍ ଦିନ ଭିଲ୍ ଗନ୍ତି କାମ୍ କରାଯିବା ।

ପେଟ୍ରୋଲ୍ ଚଢ଼ଉ କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ନ ତେଲ୍ ଯୋଗାଣ୍ ବିତରଣ୍‌ଥି ଅନିୟମିତତା ହେଉଥିବା ଅଭିଯୋଗ୍ ଉତ୍‌ରୁ ଜିଲ୍ଲା ପ୍ରଶାସନ୍ ତରଫୁ ସହରର୍ ଭିନ୍ ଭିନ୍ ପେଟ୍ରୋଲ୍ ପମ୍ପ୍ ମାନ୍‌କେ ଚଢ଼ଉ୍ କରାଯାଇଛେ । ତେଲ୍ ମହଜୁଦ୍‌କାରୀ ଆଉ କଳାବଜାରୀ କରୁଥିବା ଲୋକ୍‌ମାନ୍‌କର୍ ବିରୋଧ୍‌ଥି ଅତ୍ୟାବଶ୍ୟକ ଦ୍ରବ୍ୟ ଆଇନ୍ -୧୯୫୫ ଅନ୍‌ସାରେ ଜରୁରୀ କାର୍ଯ୍ୟାନୁଷ୍ଠାନ୍ ନେବାର୍‌କେ ଜିଲ୍ଲାପାଲ୍ ପାୱାର୍ ସଚିନ୍ ପ୍ରକାଶ୍ ନିର୍ଦ୍ଦେଶ୍ ଦେଇଛନ୍ ।

ଜନଜାତୀୟ ଗାରିମା ଉତ୍ସବ ଆର୍‌ଏନ୍‌ୟୁ/ ସମ୍ବଲପୁର

ସୁବର୍ଣ୍ଣପୁର୍ ଜିଲ୍ଲା ବୀର୍‌ମହାରାଜ୍‌ପୁର୍ ବ୍ଲକ୍ ବହଲ୍‌ପଦର୍ ଗ୍ରାମ୍ ପଂଚାୟତ୍ କାର୍ଯ୍ୟାଳୟ ନ ଜିଲ୍ଲା ମଙ୍ଗଳ ବିଭାଗ୍ ତର୍‌ଫୁ ଜନଜାତୀୟ ଗାରିମା ଉତ୍ସବ୍ ୨୦୨୬ ର ଶୁଭାରମ୍ଭ ହେଇଛେ । ଇ ଉତ୍ସବ୍ ଜରିଏ ଜିଲ୍ଲାର୍ ୩ ଟା ଅନୁସୂଚିତ ଜନଜାତି ଗାଁର୍ ସାମଗ୍ରିକ୍ ବିକାଶ୍ ଲାଗି ପଦକ୍ଷେପ୍ ନିଆୟିବା । ଉତ୍ସବ୍ ଆଏବା ୨୫ ତାରିଖ୍‌ତକ୍ ଚାଲ୍‌ବା । ସବୁ ବିଭାଗୀୟ ଅଧିକାରୀମାନ୍‌କୁ ୩ ଟା ଯାକ ଗାଁ ନ ଭିନ୍ ଭିନ୍ ସର୍‌କାରୀ ଯୋଜ୍‌ନା ବାବ୍‌ଦେ ଲୁକ୍‌କୁ ଜନାବାର୍ ଲାଗି ନିର୍ଦ୍ଦେଶ୍ ଦିଆୟାଇଛେ ।

ଜନଭାଗିଦାରୀ ଅଭିଯାନ୍      ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା କୋମ୍‌ନା ବ୍ଲକ୍ ପଂଚାୟତ୍ ସମିତି କକ୍ଷ ନ କେନ୍ଦ୍ର ସର୍‌କାର୍‌ଙ୍କର୍ ଜନଭାଗିଦାରୀ ଅଭିଯାନ୍ 'ସବ୍‌ସେ ଦୂର୍- ସବ୍‌ସେ ପେହେଲା' କାର୍ଯ୍ୟକ୍ରମ୍ ମୁଲ୍ ହେଇଛେ । କାର୍ଯ୍ୟକ୍ରମ୍‌ଥି ଆଏବା ୨୫ ତାରିଖ୍‌ତକ୍ ୨ ଶହ ୫୮ ଟା ଗାଁ ନ ସଚେତନତା ଶିବିର୍, ଅଭିଯୋଗ୍ ଗ୍ରହଣ୍ ଆଉ ମାହାଲିଆ ସ୍ୱାସ୍ଥ୍ୟ ଶିବିର୍ କରାୟିବା ।

ଜିଲ୍ଲାପାଳ୍-ନିର୍ଦ୍ଦେଶ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ପେଟ୍ରୋଲ୍ ଆଉ ଡିଜେଲ୍ ଅପବ୍ୟବହାର୍‌କେ ରୁକ୍‌ବାର୍ ଲାଗି ଆଉ ଯୋଗାଣ୍‌କେ ସ୍ୱାଭାବିକ୍ ରଖ୍‌ବାର୍‌କେ ଜିଲ୍ଲାପାଳ୍ ନିର୍ଦ୍ଦେଶ୍ ଦେଇଛନ୍ । ମାସ୍‌କୁ ୪/୫ ଟା ଅଭିଯୋଗ୍ ଶୁଣାଣି ଶିବିର୍‌ଥି ଯୋଗ୍ ଦେବାର୍‌କେ ଆସୁଥିବା ଅଧିକାରୀମାନ୍‌କୁ ବ୍ୟକ୍ତିଗତ୍ ଗାଡ଼ି ବଦ୍‌ଲେ ୩/୪ ଝନ୍ ଅଧିକାରୀ ମିଶିକରି ଗୁଟେ ଗାଡ଼ିଥି ଆସ୍‌ବାର୍‌କେ ସେ ପରାମର୍ଶ ଦେଇଛନ୍ । ବ୍ୟକ୍ତିଗତ୍ କାମ୍‌ଥି ଯିବାର୍ ବେଲେ ସମ୍ଭବ୍ ହେଲେ ମଟର୍ ସାଇକିଲ୍, ସାଇକିଲ୍ କି ଚାଲିକରି ଯିବାର୍‌କେ ସେ ପରାମର୍ଶ ଦେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ କିଛି ଦିନ୍‌ର ବ୍ୟବଧାନ୍ ଉତ୍‌ରୁ ତାପମାତ୍ରା ଫେର୍‌ଘାଏ ବଢ଼୍‌ବାର୍‌କେ ଲାଗିଛେ । ଖାସ୍ କରି ପଶ୍ଚିମ ଆଉ ଆଭ୍ୟନ୍ତରିଣ୍ ଓଡ଼ିଶାର୍ କେତେଟା ଜିଲ୍ଲା ନ ତାପମାତ୍ରା ୪୦ ଡିଗ୍ରୀ ପାର୍ କରିଛେ । ଗଲାକାଏଲ୍ ରାଜ୍ୟର୍ ସବୁନୁ ଜହ ତାପମାତ୍ରା

ଝାର୍ସୁଗୁଡ଼ା ଜିଲ୍ଲା ନ ୪୩ ଦଶ୍ମିକ୍ ୪ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ଼ କରାଯାଇଥିଲା । ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଆଏବା ୫ ଦିନ୍ ଭିତ୍ରେ ରାଜ୍ୟର୍ ତାପମାତ୍ରା ଆହୁରି ୨ ନୁ ୩  ଡିଗ୍ରୀତକ୍ ବଢ଼୍ବାର୍ ସମ୍ଭାବନା ରହିଛେ ।